# Akashvani, Sambalpur

## SAMBALPURI NEWS BULLETIN

### 28 September 2024- 6.47- 6.52 am.

**********************************************

ନିବେଶକ ସମ୍ମିଳନୀ ଉତ୍କର୍ଷ ଓଡ଼ିଶା- ଲୋଗୋ

ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିବେଶକ ସମ୍ମିଳନୀ ଉତ୍କର୍ଷ ଓଡ଼ିଶା ୨୦୨୫ ଲୋଗୋର ଗଲାକାଏଲ୍ ଉନ୍ମୋଚନ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଶିଳ୍ପ ଅଭିବୃଦ୍ଧି ଧାରାକେ ତ୍ୱରାନ୍ୱିତ୍ କର୍‌ବାର୍ ଲାଗି ଭବିଷ୍ୟପନ୍ଥୀ ନୀତି, ନିବେଶକ ଉପଯୋଗୀ ପଦକ୍ଷେପ ଆର୍ ଭିତିଭୂମିକେ ଏଛେନ୍ ଫୋକସ୍ କରାଯାଉଛେ । ଏନ୍ତା ପଦକ୍ଷେପ୍ ଲାଗି ବିଶ୍ୱସ୍ତରୀୟ ନିବେଶକଙ୍କୁ ଆକୃଷ୍ଟ କର୍‌ବାର୍‌ଟା ଲକ୍ଷ୍ୟ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍, ଇ ଲୋଗୋ ଓଡ଼ିଶାର୍ ଦୂରଦୃଷ୍ଟି ଆଉ ଆକାଂକ୍ଷାର ପ୍ରତିଫଳନ ଇଟା ରାଜ୍ୟର୍ ଦୃଢ଼ ସାଂସ୍କୃତିକ ଐତିହ୍ୟ ଆର୍ ଭବିଷ୍ୟତର ପ୍ରସ୍ତୁତିକେ ଦର୍ଶଉଛେ । ଇନ ଜନେଇ

ଦିଆଯାଇପାରେ ଯେ, ଆଏବା ଜାନୁଆରୀ ୨୮ ତାରିଖ୍‌ନୁ ୨ ଦିନ୍ ଧରିକରି ଇ ସମ୍ମିଲନୀ ଭୁବ୍‌ନେଶ୍ୱର୍ ନ ହେବା ।

ଫରେନ୍‌ସିକ୍ ବିଜ୍ଞାନ୍ ବିଶ୍ୱବିଦ୍ୟାଳୟ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଜାତୀୟ ଫରେନ୍‌ସିକ୍ ବିଜ୍ଞାନ୍ ବିଶ୍ୱବିଦ୍ୟାଳୟର୍ ଗୁଟେ କେମ୍ପସ୍ ଥାପ୍‌ନା କରାଯିବା । ଇଥି ରାଜ୍ୟର୍ ପିଲାମାନ୍‌କୁ ସାଇବର୍ ସୁରକ୍ଷା ବାବ୍‌ଦେ ପାଠ୍ ପଢ଼ାଯିବା । ଇ ନେଇକରି ଜାତୀୟ ବିଶ୍ୱବିଦ୍ୟାଳୟର୍ ଗୁଟେ ପ୍ରତିନିଧି ଦଲ୍ ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସାଙ୍ଗେ ଆଲୋଚନା କରିଛନ୍ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଏଜେ ବଢୁଥିବାର୍ ସାଇବର୍ ଅପରାଧ୍‌କେ ନଜର୍‌ଥି ରଖିକରି ଇ ଶିକ୍ଷାନୁଷ୍ଠାନ୍‌ର ଦର୍‌କାର୍ ରହିଛେ । ଇ କେମ୍ପସ୍ ଥାପ୍‌ନା ଲାଗି ରାଜ୍ୟ ସର୍‌କାର୍ ସବୁପ୍ରକାର୍ ସାହାଜ୍ ଯୁଗେଇ ଦେବେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ବନ୍ଦ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ୟୁନିଟ୍ - ୫ ନ ଆଏବା ସୋମ୍‌ବାର୍ ଦିନ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ ସର୍‌କାରୀ କାମ୍ ଥିବାର୍‌ନୁ ଇ ଦିନ ଅଭିଯୋଗ୍ ପ୍ରକୋଷ୍ଠକେ ବନ୍ଦ୍ ରଖାଯାଇଛେ । ପରବର୍ତ୍ତୀ ଅଭିଯୋଗ୍ ଶୁଣାଣିର୍ ତାରିଖ୍ ଲୋକ୍‌ମାନ୍‌କୁ ଖବର୍‌କାଗଜ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ରାଜ୍ୟ କେବିନେଟ୍ ବୈଠକ ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟ କେବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ୍ ଆଏଜ୍ ଉପର୍‌ବେଲା ବସ୍‌ବା । ଇ ବୈଠକ୍‌ଥି ସାଧାରଣ ବଂଟନ୍ ବ୍ୟବସ୍ଥା ବାବ୍‌ଦେ ସଂଶୋଧନ୍ ପ୍ରସ୍ତାବ୍ ସଙ୍ଗେ ଆଇନ୍ ବିଭାଗ୍‌ର ୨ ଟା ପ୍ରସ୍ତାବ୍ ଆସିପାରେ ବଲି କୁହାଯାଉଛେ ।

ବିଶ୍ୱବିଦ୍ୟାଳୟ -ଶିକ୍ଷକ୍ ପଦ୍‌ବୀ ଆର୍‌ଏନ୍‌ୟୁ /ସମ୍ବଲପୁର

ବିଶ୍ୱବିଦ୍ୟାଲୟ ମାନ୍‌କେ ଖାଲି ପଡ଼ିରହିଥିବା ଶିକ୍ଷକ୍ ପଦ୍‌ବୀ ଶିକ୍ଷାବିତ୍‌ମାନ୍‌କର୍ ଦ୍ୱାରା ପୁରଣ୍ କରାଯିବା ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଭୁବନେଶ୍ୱର୍ ନ ଗଲାକାଏଲ୍ ହେଇଥିବା ଗୁଟେ ବୈଠକ୍‌ଥି ମନ୍ତ୍ରୀ ଶ୍ରୀ ସୁରଜ୍ କହିଛନ୍ ଯେ, ୨୦୨୦ ମସିହାଥି ରାଏଜେ ଆଘର୍ ସର୍କାର୍‌ଙ୍କର୍ ତର୍‌ଫୁ ଲାଗୁ ହେଇଥିବା ବିଶ୍ୱବିଦ୍ୟାଲୟ ସଂଶୋଧନ୍ ଅଧିନିୟମ୍ ଜରିଏ ବିଶ୍ୱବିଦ୍ୟାଲୟମାନ୍‌କର୍ ସ୍ୱାୟତତା କ୍ଷୁର୍ଣ୍ଣ ହେଇଛେ । କୁଲପତି ଚୟନ୍ ନୁ ନେଇକରି ଓପିଏସ୍‌ସି ତର୍‌ଫୁ ଅଧ୍ୟାପକ ନିଯୁକ୍ତି ବାଗିର୍ ବ୍ୟବସ୍ଥା ବିଶ୍ୱବିଦ୍ୟାଲୟ ଅନୁଦାନ୍ ଆୟୋଗ୍‌ର ନିୟମ୍‌କେ ଉଲ୍ଲଂଘନ୍ କରୁଛେ । ହେଥିର୍‌ଲାଗି ଉଚ୍ଚଶିକ୍ଷା କ୍ଷେତ୍ରଥି ବହୁତ୍‌ଟେ ସମସ୍ୟା ଦେଖାଦେଉଛେ । ଇ ସବୁ ବ୍ୟବସ୍ଥାଥି ସୁଧାର୍ ଆନ୍‌ବାର୍ ଲାଗି ଇ ନିଷ୍ପତି ନିଆଯାଇଛେ ବଲି ମନ୍ତ୍ରୀ କହିଛନ୍ ।

ମନ୍ କି ବାତ୍        ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ ।

ଇଟା ତାଙ୍କର୍ ଶହେ ୧୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ ଥି ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଗହମ୍-ରାସନ୍ କାର୍ଡ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାସନ୍ କାର୍ଡ୍ ହିତାଧିକାରୀଙ୍କୁ ଆଏବା ମାସ୍‌ନୁ ଚାଉଲ୍ ସାଙ୍ଗେ ଗହମ୍ ମିଲ୍‌ବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଇ ବାବ୍‌ଦେ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଆସିଥିବାର୍ ଜନାପଡ଼ିଛେ ।

ମିଶନ୍ ଶକ୍ତି ରିଟେଲ୍ ମାର୍ଟ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍ ସ୍ୱୟଂ ସହାୟକ ଗୋଷ୍ଠୀ- ଏସ୍‌ଏଚ୍‌ଜିକେ ଅଏତ୍‌କା ଆତ୍ମନିର୍ଭରଶୀଳ କର୍‌ବାର୍ ଲାଗି ଗୁଟେ ବଡ଼

ପଦକ୍ଷେପ୍ ନେଇଛନ୍ । ଗାଁ ଆର୍ ସହର୍ ଇଲାକା ନ ମିଶନ୍ ଶକ୍ତି ରିଟେଲ୍ ମାର୍ଟ ଖୁଲ୍‌ବାର୍‌କେ ଯୋଜ୍‌ନା କରାଯାଇଛେ । ପହେଲା ଖେପେ ୨ ହଜାର୍ ୬ ଶହ ୫୬ ଟା ରିଟେଲ୍ ମାର୍ଟ ଖୁଲାଯିବା । ଏସ୍‌ଏଚ୍‌ଜିର ମହିଲାମାନେ ଇଟାକେ ପରିଚାଲନା କର୍‌ବେ । ଖୋବ୍ ଜଲ୍‌ଦି ଇ ମାର୍ଟ ଖୁଲ୍‌ବାର୍‌କେ ମିଶନ୍ ଶକ୍ତି ବିଭାଗ୍‌ର ସଚିବ ଶାଲିନୀ ପଣ୍ଡିତ- ସବୁ ଜିଲ୍ଲା ପରିଷଦ୍‌ର ଅଧିକାରୀ ଆର୍ ବିଡ଼ିଓଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପଶ୍ଚିମ୍ ଓଡ଼ିଶା-ଚିଡ଼ିଆଖାନା ଆର୍‌ଏନ୍‌ୟୁ / ସମ୍ବଲପୁର

ପଶ୍ଚିମ୍ ଓଡ଼ିଶା ନ ଗୁଟେ ଚିଡ଼ିଆଖାନା ଥାପ୍‌ନା କରାଯିବା । ଇତାର୍‌ସଙ୍ଗେ ରାଏଜେ ଆଡ଼ଭେଂଚର୍ ସ୍ପୋର୍ଟସ୍ ଭିଲ୍ ବିକାଶ୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ଆଉ ପର୍ଯ୍ୟଟନ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ସେ କହିଛନ୍ ଯେ, ଓଡ଼ିଶା ନ ଆଡ଼ଭେଂଚର୍ ସ୍ପୋର୍ଟସ୍ ଲାଗି ବହୁତ୍‌ଟେ ସୁଯୋଗ୍ ରହିଛେ । ଇ ପରିପ୍ରେକ୍ଷୀଥି ଆଏବା ୩ ତାରିଖ୍ ଦିନ ଶ୍ରୀମତୀ ପରିଡ଼ା ମେଘାଲୟ ଗସ୍ତଥି ଯିବେ । ସେନ ଆଡ଼ଭେଂଚର୍ ସ୍ପୋର୍ଟସ୍ ପଲିସି ବାବ୍‌ଦେ ଆଲୋଚନା ହେବା । ଓଡ଼ିଶା ଫିର୍‌ବାର୍ ଉତ୍‌ରୁ ଆଡ଼ଭେଂଚର୍

ସ୍ପୋର୍ଟସ୍ ପଲିସି ଆନ୍‌ବାର୍ ଦିଗେ କାମ୍ ମୁଲ୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

କନିଷ୍ଠ ମହିଳା ସନ୍ତରଣ ପ୍ରତିଯୋଗିତା ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍ ସହରର୍ ଡାକ୍ତର୍ ଝସ୍‌କେତନ୍ ସାହୁ ସନ୍ତରଣାଗାର ନ ଆଏଜ୍ ଆଉ ଆଏବା କାଏଲ୍ ୨ ଦିନ୍ ଧରିକରି ଖେଲୋ ଇଣ୍ଡିଆ କନିଷ୍ଠ ମହିଳା ସନ୍ତରଣ ପ୍ରତିଯୋଗିତା ହେବା । ଭାରତୀୟ ଖେଲ୍ ପ୍ରାଧିକରଣ୍ ଆଉ ଓଡ଼ିଶା ରାଜ୍ୟ ସନ୍ତରଣ୍ ସଂଘ ତର୍‌ଫୁ ହେଉଥିବା ଇ ପ୍ରତିଯୋଗିତାଥି ମୋଟ୍ ୮୪ ଝନ୍ ପ୍ରତିଯୋଗୀ ଅଂଶଗ୍ରହଣ୍ କର୍‌ବେ । ପହେଲା ଥର୍ ଲାଗି ସମ୍ବଲ୍‌ପୁର୍ ଠାନେ ଖେଲୋ ଇଣ୍ଡିଆର୍ ଇ ଜାତୀୟ ସନ୍ତରଣ୍ ପ୍ରତିଯୋଗିତା ହେଉଛେ । ଇଥି ମଧ୍ୟପ୍ରଦେଶ୍, ବିହାର୍, ଝାର୍‌ଖଣ୍ଡ, ଛତିଶ୍‌ଗଡ଼୍ ଆର୍ ଓଡ଼ିଶାର୍ ପ୍ରତିଯୋଗୀମାନେ ଅଂଶଗ୍ରହଣ୍ କର୍‌ବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗାଥି ବର୍ଷା ଲାଗି ରହିଛେ । ଆଏଜ୍ ପଶ୍ଚିମ

ଓଡ଼ିଶାର୍ ବର୍ଗଡ଼୍, ସମ୍ବଲ୍ପୁର୍, ଝାର୍ସୁଗୁଡ଼ା, ସୁନ୍ଦର୍ଗଡ଼୍ ସହେତେ କେନ୍ଦୁଝର୍ ଜିଲ୍ଲା ନ ୭ ନୁ ୧୧ ସେଂଟିମିଟର୍ତକ୍ ବର୍ଷା ହେଇପାରେ । ଇଥିର୍ଲାଗି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।